بسم الله الرحمن الرحيم

**୧୫ ନଭେମ୍ବର ୨୦୧୯ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍**

ହଜରତ ମୁହମ୍ମଦ ସ.ଅଙ୍କ ଅତ୍ୟନ୍ତ ଉତ୍ସର୍ଗୀକୃତ ବଦରୀ ସାହାବୀ ହଜରତ ଅବଦୁଲ୍ଲା ର.ଅଙ୍କ ଉତମ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ହଜରତ ମୁହମ୍ମଦ ସ.ଅଙ୍କର ଅତ୍ୟନ୍ତ ଉତ୍ସର୍ଗୀକୃତ ବଦରୀ ସାହାବୀ ହଜରତ ଅବଦୁଲ୍ଲା ର.ଅଙ୍କ ପିତା ହଜରତ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲଙ୍କ ସମ୍ବନ୍ଧରେ କହିଲେ- ଯେତେବେଳେ ହଜୁର ସ.ଅ ମଦିନାରୁ ବାହରକୁ ଯାଇ ଶତ୍ରୁର ମୁକାବିଲା କରିବାର ନିଷ୍ପତି ନେଲେ ସେତେବେଳେ ହଜରତ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ ହଜୁର ସ.ଅଙ୍କ ସାଥିରେ ତ ବାହାରିଗଲା କିନ୍ତୁ ଓ୍ୱହଦ ପଡ଼ିଆରେ ପହଂଚି ବିଶ୍ୱାସଘାତ କରିଥିଲେ ଅର୍ଥାତ ନିଜ ୩୦୦ଜଣ ସାଥିଙ୍କୁ ନେଇ ମଦିନା ଫେରିଗଲେ, ଏହା କହି କି ହଜରତ ମୁହମ୍ମଦ ସ.ଅ ମୋ ପରାମର୍ଶ ନଶୁଣି ଅର୍ଥାତ ମଦିନାରେ ରହି ଶତ୍ରୁର ମୁକାବିଲା କରିବା ପରିବର୍ତେ ଏଠାକୁ ଚାଲି ଆସିଲେ ଏବଂ ସେ ଚଣ୍ଡାଳ ଏହା ମଧ୍ୟ କହିଲା କି ଏହା ବି କୌଣସି ଯୁଦ୍ଧ ଅଟେ । ଏହା ତ ନିଜକୁ ଧ୍ୱଂସ କରିବା ମାର୍ଗକୁ ଆଦରି ନେବା ପରି ଅଟେ । ସେ କହିଲା ମୁଁ ନିଜକୁ ଏହି ଧ୍ୱଂସ ମୁଖରେ ପଡ଼ିବାକୁ ଦେବି ନାହିଁ । ପ୍ରାରମ୍ଭରୁ ତାହା ହୃଦୟରେ କପଟପଣ ଭରି ରହିଥିଲା ଏବଂ କପଟବିଶ୍ୱାସୀ କାପୁରୁଷ ଅଟେ । **ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ର କପଟପଣ ଉକ୍ତ ହରକତରୁ ପ୍ରତୀୟମାନ ହୋଇଗଲା ।**

ହଜୁର ଅନଓ୍ୱର ଅ.ବ କହିଲେ- ହଜରତ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ କିଭଳି ଭାବରେ ହଜୁର ସ.ଅ ଓ ମୁସଲମାନମାନଙ୍କ ସମ୍ବନ୍ଧରେ କଟୁଭାଷା ଓ ପରିହାସ କରିବା ଅବ୍ୟାହତ ରଖିଥିଲେ ତାହାର କିଛି ବ୍ୟାଖ୍ୟା ଏଠାରେ ମୁଁ କରି ଦେଉଛି । ଅନ୍ୟପଟେ ଉକ୍ତ ଘଟଣାମାନରୁ ତାଙ୍କ ପୁତ୍ର ହଜରତ ଅବଦୁଲ୍ଲାଙ୍କ ଇସଲାମ ଓ ହଜରତ ମୁହମ୍ମଦ ସ.ଅଙ୍କ ସହ ଅଗାଢ ପ୍ରେମ ମଧ୍ୟ ପରିପ୍ରକାଶ ହେଉଅଛି । ୫ହିଜରୀରେ ବନୁ ମୁସତଲିକ୍ ଯିଦ୍ଧରୁ ପତ୍ୟାବର୍ତନ କରି ହଜୁର ସ.ଅ କିଛି ଦିନ ମରିସିଇ ଠାରେ ଅବସ୍ଥାନ କରିଥିଲେ । ଏହା ବନୁ ମୁସତଲିକ୍ର ଏକ ଝରଣାର ନାମ ଅଟେ । ଘଟଣାଟି ଏପରି ଘଟିଥିଲା କି ହଜରତ ଉମର ର.ଅଙ୍କର ଜାଜା ନାମି ଏକ ଦାସ ଥିଲେ । ସେ ପାଣି ନେବାକୁ ଝରଣା ନିକଟକୁ ଗଲେ । ଭାଗ୍ୟବଶତଃ ସେତେବେଳେ ସେଠାରେ ଅନସାର ଗୋଷ୍ଠୀ ମଧ୍ୟରୁ ସନାନ ନାମି ଜଣେ ବ୍ୟକ୍ତି ପାନୀୟ ସଂଗ୍ରହ କରିବାକୁ ପହଂଚିଲେ । ଉଭୟ ବ୍ୟକ୍ତି ଅଶିକ୍ଷିତ ଥିଲେ ଏବଂ ସମ୍ପୂର୍ଣ୍ଣ ରୂପେ ସାଧାରଣ ଲୋକମାନଙ୍କ ମଧ୍ୟରେ ଥିଲେ । ସେଠାରେ ଉଭୟେ ପରସ୍ପର ସହ ଝଗଡ଼ା କରିବା ଆରମ୍ଭ କରିଦେଲେ । ସନାନ ଉଚ୍ଚ ଶ୍ୱରରେ ଚିତ୍କାର କରିବା ଆରମ୍ଭ କରିଦେଲା କି ହେ ଅନସାର ଦଳ ! ମୋର ସାହାଯ୍ୟ କର ମୋ ଉପରେ ଆକ୍ରମଣ ହୋଇଗଲା ଏବଂ ମୁଁ ପିଟା ଖାଇଗଲି । ଏଥିରେ ଜାଜା ମଧ୍ୟ ନିଜ ଗୋଷ୍ଠୀ ସମୂହ ଅର୍ଥାତ ପ୍ରବାସକାରୀମାନଙ୍କୁ (ନିଜ ସାହାଯ୍ୟ ପାଇଁ) ଡ଼ାକରା ଦେବା ଆରମ୍ଭ କରିଦେଲା । ଅନସାର ଓ ମୁହାଜରିନ୍ଙ୍କ କାନରେ ଏହି ଶ୍ୱର ପଡ଼ିବା ମାତ୍ରେ ସେମାନେ ନିଜ ଖଣ୍ଡା ନେଇ ଝରଣା ଆଡ଼କୁ ଦୌଡ଼ିଲେ ଏବଂ ଖୁବ୍ ନିକଟତର ଥିଲା କି ମୁସଲମାନମାନେ ପରସ୍ପର ସହ ଲଢି ରକ୍ତ ରଞ୍ଜିତ ହୋଇଯାଇଥାନ୍ତେ କିନ୍ତୁ କେତେକ ନିଷ୍ପାପର ଓ ବୁଦ୍ଧିମାନ ମୁହାଜରିନ୍ ଓ ଅନସାର ସଙ୍ଗେସଙ୍ଗେ ଲୋକମାନଙ୍କୁ ଅଲଗା ଅଲଗା କରି ସନ୍ଧି କରିଦେଲେ ।

ହଜରତ ମୁହମ୍ମଦ ସ.ଅଙ୍କୁ ଯେତେବେଳେ ଏହି ଖବରର ସୂଚନା ମିଳିଲା ସେତେବେଳେ ଆପଣ କହିଲେ ଏହା ତ (ନିଜ) ମୂର୍ଖାମିର ପ୍ରଦର୍ଶନ କରିବା ଅଟେ ଏବଂ ଏଥିରେ ହଜୁର ଅତିଷ୍ଟ ହେଲେ । ଏପରି ଉକ୍ତ ମାମଲା ମଳିନ ପଡ଼ିଗଲା କିନ୍ତୁ ଯେତେବେଳେ କପଟବିଶ୍ୱାସୀଙ୍କ ମୁଖିଆ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ଙ୍କୁ ଯେ ଏହି ଯୁଦ୍ଧରେ ସାମିଲ ଥିଲା, ସେହି ଘଟଣାର ଖବର ମିଳିଲା ସେତେବେଳେ ସେ ଚଣ୍ଡାଳ ଉକ୍ତ ଝଗଡ଼ାକୁ ପୁନଃ ଉଜାଗର କରିବାକୁ ଚେଷ୍ଟା କଲା ଏବଂ ନିଜ ସାଥିମାନଙ୍କୁ ହଜରତ ମୁହମ୍ମଦ ସ.ଅ ଓ ମୁସଲମାନମାନଙ୍କ ବିରୁଦ୍ଧରେ ଉତେଜିତ କରାଇଲା ଏବଂ ଅନସାରମାନଙ୍କୁ କହିଲା କି ଏସବୁ ତୁମର ଭୁଲ, ତୁମେମାନେ ସେମାନଙ୍କୁ ନିଜ ମୁଣ୍ଡରେ ବସାଇ ରଖିଛ । ବର୍ତମାନ ତୁମମାନଙ୍କୁ ଆବଶ୍ୟକ କି ତୁମେ ସେମାନଙ୍କ ସାହାଯ୍ୟ କରିବାରୁ ନିଷ୍କ୍ରିୟ ରୁହ ଏବଂ ସେହି ଚଣ୍ଡାଳ ଏହା ମଧ୍ୟ କହିଦେଲା ଯେ **ଲଇର୍ ରଜାନା ଇଲଲ୍ ମଦିନତି ଲୟୁଖ୍ରିଜନ୍ନଲ୍ ଅଅଜ୍ଜୁ ମିନ୍ହଲ୍ ଅଜଲ୍ଲା । ଲଇର୍ ରଜାନା ଇଲଲ୍ ମଦିନତି ଲୟୁଖ୍ରିଜନ୍ନଲ୍ ଅଅଜ୍ଜୁ ମିନ୍ହଲ୍ ଅଜଲ୍ଲା** ଅର୍ଥାତ ଏଥର (ତୁମେମାନେ) ମଦିନା ପତ୍ୟାବର୍ତନ କରି ଦେଖିବ ଯେ

ସେଠାକାର ସମ୍ମାନସ୍ପଦ ବ୍ୟକ୍ତି ସେଠାକାର ତିରସ୍କୃତ ବ୍ୟକ୍ତିକୁ ବହିସ୍କୃତ କରିଦେଉଛି କି ନାହିଁ ? ଉକ୍ତ ଘଟଣାସ୍ଥଳେ ଜଣେ ନିଷ୍ଠାପର ମୁସଲମାନ ବାଳକ ଜୈଦ ବିନ୍ ଅରକମ୍ ମଧ୍ୟ ବସିଥିଲେ । ସେ ଅବଦୁଲ୍ଲାଃଙ୍କ ମୁହଁରୁ ହଜୁର ସ.ଅଙ୍କ ସମ୍ବନ୍ଧରେ ଏଭଳି କଟୁବାକ୍ୟ ଶୁଣି ବିବ୍ରତ ହୋଇଗଲା ଏବଂ ସଙ୍ଗେସଙ୍ଗେ ନିଜ ଚଚାଙ୍କ ମାଧ୍ୟମରେ ହଜୁର ସ.ଅଙ୍କୁ ଉକ୍ତ ଘଟଣା ସମ୍ବନ୍ଧରେ ଅବଗତ କରାଇଲେ । ସେତେବେଳେ ହଜୁର ସ.ଅ ନିକଟରେ ହଜରତ ଉମର ର.ଅ ବସିଥିଲେ । ସେ ଏପରି କଟୁଭାଷା ଶୁଣି କ୍ରୋଧ ଓ ସ୍ୱାଭିମାନର ଅଗ୍ନୀରେ ଜର୍ଜରିତ ହୋଇ ଉଠିଲେ ଏବଂ ହଜୁର ସ.ଆଙ୍କୁ କହିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋତେ ଅନୁମତି ଦିଅନ୍ତୁ ମୁଁ ବର୍ତମାନ ସେହି କପଟବିଶ୍ୱାସୀ ଓ ବିଭ୍ରାଟ ସୃଷ୍ଟିକାରୀର ବେକ କାଟି ଆଣିବି । ଆପଣ କହିଲେ ହେ ଉମର ! ଛାଡ଼ କ'ଣ ତୁମେ ଏହା ପସନ୍ଦ କରୁଛ କି ଲୋକମାନଙ୍କ ଗହଣରେ ଏହି ଚର୍ଚ୍ଚା ହେଉ କି ମୁହମ୍ମଦ ସ.ଅ ନିଜ ସାଥିମାନଙ୍କୁ ହତ୍ୟା କରୁଅଛି । ତା'ପରେ ଆପଣ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍‌ଙ୍କୁ ଏବଂ ତାଙ୍କ ସାଥିମାନଙ୍କୁ ଡ଼କାଇ ପଚାରିଲେ କ'ଣ ଯାହା ମୁଁ ଶୁଣିଛି ତାହା ସତ୍ୟ ଅଟେ । ସେମାନେ ସମସ୍ତେ ରାଣ ଖାଇ କହିଲେ କି ଆମେ ତ ଏପରି କୌଣସି କଥା ତୁଣ୍ଡରେ ଧରି ନାହୁଁ ।

କିଛି ସମୟରେ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍‌ଙ୍କ ପୁତ୍ର ହଜରତ ଅବଦୁଲ୍ଲାଃ ଜାହାଙ୍କ ଚର୍ଚ୍ଚା ହେଉଅଛି, ଯେ ଅତ୍ୟନ୍ତ ନିଷ୍ଠାପର ସାହାବୀ ଥିଲେ ହଜୁର ସ.ଅଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ଅନୁରୋଧ କଲେ । ହେ ଅଲ୍ଲାଃଙ୍କ ରସୁଲ ! ମୁଁ ଶୁଣିବାକୁ ପାଇଲି ଆପଣ ମୋ ପିତାଙ୍କ ଉଦଣ୍ଡପଣିଆ ଓ ବିଶୃଙ୍ଖଳା ସୃଷ୍ଟିକରିବା କାରଣରୁ ତାଙ୍କୁ ହତ୍ୟା କରିବାର ଆଦେଶ ଦେବାକୁ ଚାହୁଁଛନ୍ତି । ଯଦି ଆପଣ ଏହି ନିଷ୍ପତି କରିସାରିଛନ୍ତି ତେବେ ଆପଣ ମୋତେ ଆଦେଶ ଦିଅନ୍ତୁ ମୁଁ ବର୍ତମାନ ନିଜ ପିତାର ଶିର ଛେଦ କରି ଆପଣଙ୍କ ଚରଣେ ରଖିଦେବି କିନ୍ତୁ ଯଦି ଆପଣ ଆଉ କାହାରିକୁ ଏହି ଆଦେଶ ଦିଅନ୍ତି ତେବେ ମୁଁ ଭୟ କରୁଅଛି କି ମୁର୍ଖତାବଶତଃ ପ୍ରତିଶୋଧର ଭାବନା ମୋ ଅନ୍ତରରେ ଉତେଜ୍ଜିତ ହୋଇ ଉଠିବ ଯଦ୍ୱାରା ମୁଁ ନିଜ ପିତାର ହତ୍ୟାକାରୀର କେତେବେଳେ କିଛି ଅନିଷ୍ଟ କରିନବସେ ଏବଂ **ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ପରିବର୍ତେ ନର୍କଗାମୀ ହୋଇ ନଯାଏ** । ହଜୁର ତାଙ୍କୁ ଆଶ୍ୱାସନା ଦେଲେ କି ତୁମେ ନିଶ୍ଚିନ୍ତ ରୁହ ଆମର ସେପରି କୌଣସି ଉଦ୍ଦେଶ୍ୟ ନାହିଁ । ଆମେ ନିଶ୍ଚିତ ରୂପେ ତୁମ ପିତାଙ୍କ ସହ ଦୟା ଓ ନମ୍ର ଆଚରଣ କରିବୁ ।

କିନ୍ତୁ ହଜରତ ଅବଦୁଲ୍ଲାଃଙ୍କ ମଧରେ ନିଜ ପିତାଙ୍କ ପ୍ରତି ଏଭଳି ଉତେଜନା ଥିଲା କି ଯେତେବେଳେ ମୁସଲମାନ ସୌନ୍ୟଦଳ ମଦିନା ପତ୍ୟାବର୍ତନ କଲା ସେତେବେଳେ ହଜରତ ଅବଦୁଲ୍ଲାଃ ନିଜ ପିତାଙ୍କ ପଥରେ ଛିଡ଼ା ହୋଇଗଲେ ଏବଂ କହିଲେ ଅଲ୍ଲାଃଙ୍କ ରାଣ ମୁଁ ତୁମକୁ ଯିବାକୁ ଦେବି ନାହିଁ ଯେପର୍ଯ୍ୟନ୍ତ କି ତୁମେ ନିଜ ତୁଣ୍ଡରୁ ସ୍ୱୀକାର ନକରିଛ କି ହଜୁର ସ.ଅ ପୂଜନୀୟ ଏବଂ ତୁମେ ହୀନ ଓ ନୀଚ ଲୋକ । ହଜରତ ଅବଦୁଲ୍ଲାଃ ଏକଥା ଏଭଳି ଦୃଢତାର ସହ ନିଜ ପିତାଙ୍କୁ ସ୍ୱୀକାର କରିବାକୁ ଚାପ ପକାଇଲେ ଯେ ଶେଷରେ ସେ ତାହା ସ୍ୱୀକାର କରିବାକୁ ବାଧ୍ୟ ହେଲେ, ତା'ପରେ ହଜରତ ଅବଦୁଲ୍ଲାଃ ତାଙ୍କୁ ଯିବାକୁ ବାଟ ଛାଡ଼ିଲେ ।

ଆଉ ଏକ ଅପବିତ୍ର ଲାଞ୍ଛନା ହଜରତ ଆଏଶା ର.ଅଙ୍କ ଉପରେ ଲଗାଯାଇଥିଲା, ଯାହାର ମୂଳରେ କପଟବିଶ୍ୱାସୀଙ୍କ ପ୍ରମୁଖ ଅବଦୁଲ୍ଲାଃ ବିନ୍ ଅବି ବିନ୍ ସୁଲୁଲ୍ ଥିଲେ । ଏହି ଘଟଣା ମଧ୍ୟ ବନୁ ମୁସତଲକ୍ ଯୁଦ୍ଧରୁ ପତ୍ୟାବର୍ତନ କରିବା ସମୟରେ ଘଟିଥିଲା । ଯେତେବେଳେ କି ହଜରତ ଆଏଶା ର.ଅଙ୍କ ପବିତ୍ର ଚରିତ୍ରକୁ କଳୁଶିତ ଓ ଅପମାନିତ କରିବା ପାଇଁ ଆରୋପ ଲଗାଯାଇଥିଲା ।

ହଜରତ ଆଏଶା ର.ଅ କୁହନ୍ତି ଏକଦା ମୁଁ ଉମ୍ମେ ମୁସତାଙ୍କ ସାଥିରେ ଶୌଚ ପାଇଁ ବାହାରକୁ ଗଲି ସେତେବେଳେ ସେ ମୋତେ ଉକ୍ତ ମିଥ୍ୟା ଆରୋପକାରୀଙ୍କ ସମ୍ବନ୍ଧରେ ଅବଗତ କଲେ । ଯେତେବେଳେ ମୁଁ ଘରକୁ ଫେରିଲି ହଜୁର ସ.ଅ ମୋ ନିକଟକୁ ଆସିଲେ ଏବଂ ଆପଣ **ଅସ୍‌ସଲାମୋ ଆଲୈକୁମ୍** କହିଲେ ଏବଂ ପଚାରିଲେ ବର୍ତମାନ ତୁମର ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ? ମୁଁ କହିଲି ମୋତେ ନିଜ ପିତାମାତାଙ୍କ ଘରକୁ ଯିବାକୁ ଅନୁମତି ଦିଅନ୍ତୁ । ଆପଣ ମୋତେ ଅନୁମତି ପ୍ରଦାନ କରିଦେଲେ । ମୁଁ ସେଠାରେ ପହଂଚି ନିଜ ମାତାଙ୍କୁ ପଚାରିଲି ଲୋକମାନେ କ'ଣ ଚର୍ଚ୍ଚା କରୁଛନ୍ତି ? ସେ କହିଲେ ପୁତ୍ରି ସେ କଥାରେ ନିଜ ପ୍ରାଣକୁ ସଂଙ୍କଟରେ ପକାଅ ନାହିଁ, ଶାନ୍ତ ରୁହ । ଲୋକମାନେ ଏପରି କଟୁବଚନ କରିଥାନ୍ତି । ମୁଁ କହିଲି **ସୁବ୍‌ହାନଲ୍ଲାଃ** ଲୋକମାନେ ଏପରି ଚର୍ଚ୍ଚା କରୁଛନ୍ତି । ସେ କୁହନ୍ତି ମୁଁ ସେହି ରାତି ଏପରି ଅତିବାହିତ କଲି କି ପ୍ରାତଃକାଳ ପର୍ଯ୍ୟନ୍ତ ନା ମୋର ଅଶ୍ରୁ ଝରିବା ଥମିଥିଲା ନା ମୋତେ ନିଦ ଆସିଥିଲା । ହଜୁର ସ.ଅ କେତେକ ସାହାବାଙ୍କ ସହ ମଧ୍ୟ ପରାମର୍ଶ କରିଥିଲେ, ହଜରତ ଆଏଶା କୁହନ୍ତି ହଜୁର ସ.ଅ ବରିରାଃ ଯେ କି ମୋର ଦାସୀ ଥିଲେ ଦିନେ ଡ଼କାଇ ପଚାରିଲେ କି ତୁମେ ହଜରତ ଆଏଶାଙ୍କ ମଧ୍ୟରେ ଏପରି କୌଣସି କଥା ଦେଖିଛ ଯାହାକି (ତାଙ୍କ ସମ୍ବନ୍ଧରେ) ତୁମକୁ ସନ୍ଦେହ ଘେରକୁ ଟାଣୁଥିବ । ବରିରାଃ କହିଲେ କଦାପି ନୁହେଁ ସେହି ସର୍ବଶକ୍ତିମାନ ପ୍ରଭୁଙ୍କ ରାଣ ଯେ, ଆପଣଙ୍କୁ ସତ୍ୟର ସହ ପ୍ରେରଣ କରିଛନ୍ତି । ମୁଁ ତାଙ୍କ ମଧରେ ଏପରି କୌଣସି କଥା ଦେଖି ନାହିଁ ଯାହାକି ତାଙ୍କ ଦୁର୍ବଳତା ପ୍ରକାଶ କରୁଥିବ । ଏହା ଶୁଣିବା ପରେ ହଜୁର ସ.ଅ ସାହାବାମାନଙ୍କୁ କହିଲେ ଏପରି ବ୍ୟକ୍ତିର କିଏ ପ୍ରତିରୋଧ କରିବ ଯେ ମୋତେ ମୋର ପତ୍ନୀଙ୍କ ଦ୍ୱାରା କଷ୍ଟ ଦେଇଛି । ଆପଣ କହିଲେ ମୁଁ ଅଲ୍ଲାଃଙ୍କ ରାଣ

ଖାଇ କହୁଅଛି ଯେ ମୁଁ ନିଜ ପତ୍ନୀ ମଧ୍ୟରେ କେବଳ ପୁଣ୍ୟ ବ୍ୟତୀତ ଅନ୍ୟଥା କିଛି ଦେଖୁ ନାହିଁ ।

ହଜରତ ଆଏଶା କୁହନ୍ତି- ଏକଦା ହଜୁର ସ.ଅ ମୋତେ ଉକ୍ତ ବିଷୟ ସମ୍ବନ୍ଧରେ ପ୍ରଶ୍ନ କରିବାରୁ ମୁଁ କହିଲି ଅଲ୍ଲାଃଙ୍କ ରାଣ ଲୋକମାନେ ଯାହା ଆଲୋଚନା କରୁଛନ୍ତି ସେଥିସମ୍ବନ୍ଧରେ ମୋତେ ଜ୍ଞାତ ହୋଇଯାଇଛି । ଯଦି ମୁଁ ଆପଣଙ୍କୁ କୁହେ କି ମୁଁ ଏପରି କୌଣସି ଅପକର୍ମ କରି ନାହିଁ ଏବଂ ଅଲ୍ଲାଃ ଜାଣନ୍ତି ମୁଁ ବାସ୍ତବରେ ପବିତ୍ର ଅଟେ । ଆପଣ ମୋତେ ସତୀ ସ୍ୱୀକାର କରିବେ ନାହିଁ ଏବଂ ଯଦି ମୁଁ (ଉକ୍ତ ଅପରାଧର) ସ୍ୱୀକାର କରିନିଏ ଏବଂ ଅଲ୍ଲାଃ ଜାଣନ୍ତି ପ୍ରକୃତରେ ମୁଁ ସେହି ଅପବାଦରୁ ମୁକ୍ତ ଅଟେ ଏବଂ ମୁଁ ଏପରି କୌଣସି ଅପକର୍ମ କରି ନାହିଁ । ତେବେ ଆପଣ ତାହା ଗ୍ରହଣ କରିନେବେ । ଅଲ୍ଲାଃଙ୍କ ରାଣ ମୁଁ ନିଜ ଓ ଆପଣଙ୍କ ପାଇଁ ୟୁସୁଫ ଓ ତାଙ୍କ ପିତାଙ୍କ ଘଟଣା ବ୍ୟତୀତ ଅନ୍ୟ କୌଣସି ଉଦାହରଣ ପାଉ ନାହିଁ କି **ଫସବ୍ରୁନ୍ ଜମିଲ୍ ୱଲ୍ଲାହୁଲ୍ ମୁସ୍ତାନୁ ଅଲା ମାତସିଫୁନ୍** ଅର୍ଥାତ ଧୈର୍ଯ୍ୟ ରକ୍ଷା କରିବା ହିଁ ସର୍ବୋତମ ଏବଂ ଅଲ୍ଲାଃଙ୍କ ଠାରୁ ହିଁ ସାହାଯ୍ୟ ଭିକ୍ଷା କରୁଅଛି, ଯାହା ତୁମେ ଟାହିଟାପରା କରୁଅଛ । ତା'ପରେ ମୁଁ ସେଠାରୁ ଉଠି ନିଜ ଶେଜକୁ ଚାଲି ଆସିଲି ଏବଂ ମୁଁ ଆଶା କରୁଥିଲି କି ଅଲ୍ଲାଃତାଲା ମୋତେ ଏଥିରୁ ମୁକ୍ତ କରିବେ ତଥା ସେ ହଜୁର ସ.ଅଙ୍କୁ ଅବଗତ କରାଇବେ ଯେ ମୁଁ ସେହି ଅପବାଦରୁ ପବିତ୍ର ଅଟେ । ହଜରତ ଆଏଶ ର.ଅ ବର୍ଣ୍ଣନା କରନ୍ତି ଅଲ୍ଲାଃଙ୍କ ରାଣ ଆପଣ ନିଜ ବସିବା ସ୍ଥାନରୁ ଉଠି ନଥିଲେ ଯେ ହଜୁର ସ.ଆଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ ହେଲା ଏବଂ ଯେତେବେଳେ ତାହା ସମାପ୍ତ ହେଲା ସେତେବେଳେ ଆପଣ ଆନନ୍ଦ ମୁଖର ଥିଲେ । ଆପଣ କହିଲେ ହେ ଆଏଶା ! ଅଲ୍ଲାଃଙ୍କର କୃତଜ୍ଞତା ଜ୍ଞାପନ କର କାରଣ ଅଲ୍ଲାଃ ତୁମକୁ (ସେହି ଅପବାଦରୁ) ଖଲାସ କରିଦେଲେ । ସେତେବେଳେ ମୋ ମାତା କହିଲେ ଉଠ ହଜୁର ସ.ଅଙ୍କ ନିକଟକୁ ଯାଅ । ମୁଁ କହିଲି ଅଲ୍ଲାଃଙ୍କ ରାଣ ମୁଁ କଦାପି ଏପରି କରିବି ନାହିଁ, ମୁଁ ତାଙ୍କର କୃତଜ୍ଞ ହେବି ନାହିଁ । ମୁଁ ଅଲ୍ଲାଃଙ୍କ ବ୍ୟତୀତ ଅନ୍ୟ କାହାରି କୃତଜ୍ଞ ହେବି ନାହିଁ

ହଜୁର ଅନୱର ଅ.ବ କହିଲେ କପଟବୁଶ୍ୱାସୀଙ୍କ ମୁଖିଆ ହଜରତ ଆଏଶା ର.ଅଙ୍କ ଉପରେ ଏଭଳି ଜଘନ୍ୟ ଅରୋପ ଲଗାଇବା ସତ୍ୱେ ହଜୁର ସ.ଅଙ୍କ ତାଙ୍କ ପ୍ରତି କିଭଳି ଆଚରଣ ଥିଲା । ଏଥିସମ୍ବନ୍ଧରେ ହଜରତ ଉମର ବିନ୍ ଖିତାବ୍ ବର୍ଣ୍ଣନା କରନ୍ତି ଯେତେବେଳେ ଅବଦୁଲ୍ଲା ବିନ୍ ଅବି ବିନ୍ ସୁଲୁଲ୍ଙ୍କ ଦେହାନ୍ତ ଘଟିଲା ସେତେବେଳେ ଆପଣଙ୍କୁ ତାହାର ନମାଜ ଜାନାଯାଃ ପଢାଇବାକୁ ନିବେଦନ କରାଗଲା । ମୁଁ ହଜୁର ସ.ଆଙ୍କୁ ତାହାର ଜନାଯାଃ ପଢାଇବା ପାଇଁ ଛିଡ଼ା ହେବା ଦେଖି ଆପଣଙ୍କ ନିକଟକୁ ଦୌଡ଼ିଗଲି ଏବଂ ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ ! କ'ଣ ଆପଣ ଇବନେ୍ ଅବିଙ୍କ ଜନାଯାଃ ପଢାଉଛନ୍ତି ଯେ ଅମକ ଦିନ (ଆପଣଙ୍କ ସମ୍ବନ୍ଧରେ) ଏପରି ଅପପ୍ରଚାର କରିଥିଲା ଏବଂ ଅମକ ଦିନ ଏପରି ଏପରି କଥା କହିଥିଲା । ହଜୁର ସ.ଅ ହସିଲେ ଏବଂ କହିଲେ ହେ ଉମର ! ବାଟ ଛାଡ଼ । ଯେତେବେଳେ ମୁଁ ସେହି କଥା ବାରମ୍ବାର କହିଲି ସେତେବେଳେ ଆପଣ କହିଲେ ମୋତେ ଅଧିକାର ପ୍ରାପ୍ତ ଅଛି ଏବଂ ଯଦି ମୁଁ ଜାଣିବାକୁ ପାଏ କି ମୁଁ ୭୦ଥରରୁ ଅଧିକ କ୍ଷମା ଯାଚନା କଲେ ସେ ମୁକ୍ତି ଲାଭ କରିବ ତେବେ ମୁଁ ନିଶ୍ଚିତ ରୂପେ ତା'ଠାରୁ ଅଧିକ ଥର କ୍ଷମା ଯାଚନା କରିବି । ଅତଃ ହଜୁର ସ.ଅ ତାଙ୍କ ନମାଜ ଜନାଯାଃ ପଢାଇ ଫେରି ଆସିଲେ ଏବଂ କିଛି ସମୟ ଅତିବାହିତ ହୋଇଥିବ କି ସୁରଃ ବରା ଅର୍ଥାତ ସୁରଃ ତୌବାର ନିମ୍ନ ଆୟତ ଅବତୀର୍ଣ୍ଣ ହେଲା କି **ୱଲା ତୁସଲ୍ଲି ଅଲା ଅହଦିମ୍ ମିନ୍ହୁମ୍ ମାତା ଅବଦଔଁ ୱଲା ତକୁମ୍ ଅଲା କବ୍ରିହି । ଇନ୍ନହୁମ୍ କଫରୁ ବିଲ୍ଲାହି ୱରସୁଲିହି ୱମାତୁ ୱହୁମ୍ ଫାସିକୁନ୍** ଅର୍ଥାତ ତୁମେ ସେମାନଙ୍କ ମଧ୍ୟରୁ କାହାରି ହେଲେ ନମାଜ ଜାନାଯାଃ ପାଠ କର ନାହିଁ ଏବଂ ନା ସେମାନଙ୍କ କବର ସମ୍ମୁଖରେ ଛିଡ଼ା ହୁଅ । କାରଣ ସେମାନେ ଅଲ୍ଲାଃ ଓ ରସୁଲଙ୍କର ଅସ୍ୱୀକାର କରିଛନ୍ତି ଏବଂ ଏଭଳି ଅବସ୍ଥାରେ ମୃତ୍ୟୁ ବରଣ କଲେ କି ସେମାନେ ପ୍ରତିଶୃତି ଭଙ୍ଗକାରୀ ଥିଲେ ।

ହଜୁର ଅନୱର ଅ.ବ କହିଲେ ବର୍ତମାନ ମୁଁ କିଛି ମୃତକଙ୍କ ଚର୍ଚ୍ଚା କରିବି ଏବଂ ଜୁମା ନମାଜ ପାଠ କରିବା ଅନ୍ତେ ସେମାନଙ୍କ ଜନାଯାଃ ପଢାଇବି । ପ୍ରଥମ ଜନାଯାଃ ଶ୍ରିମତୀ ଅମତୁଲ ହଫିଜ୍ ସାହେବାଃ ପତ୍ନୀ ଶ୍ରୀମାନ ମୌ. ମୁହମ୍ମଦ ଉମର ସାହେବ କେରଳଙ୍କର ଅଟେ । ଗତ ମାସ ୨୦ତାରିଖ ଦିନ ୭୨ବର୍ଷ ବୟସରେ ସେ ଇହଧାମ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ୱଇନ୍ନା ଇଲୈହି ରାଜେଉନ୍ ।** ତାଙ୍କ ଜନ୍ମ ୧୯୪୭ମସିହାରେ କେରଳରେ ହୋଇଥିଲା, ତାଙ୍କ ବଂଶରେ ଅହମଦିୟତ୍ ତାଙ୍କ ପଡ଼ନନା ମାଧ୍ୟରେ ଆସିଥିଲା ଯେ କେରଳର ପ୍ରାରମ୍ଭିକ ଅହମଦିମାନଙ୍କ ମଧ୍ୟରୁ ଜଣେ ଥିଲେ । ଆପଣଙ୍କୁ ଚେନେଇରେ ସେକ୍ରେଟାରୀ ମାଲ ଓ କେରଳରେ ଦିଘ୍ର ସମୟ ସଦର ଲଜନା ଭାବରେ ସେବା କରିବାର ଅବସର ମିଳିଥିଲା । ନିୟମିତ ଭାବରେ ପବିତ୍ର କୁରଆନ ଓ ତହଜୁଦ୍ ପାଠ କରିବା ତାଙ୍କର ବିଶେଷ ଗୁଣ ଥିଲା । ଲଜନା ଓ ନାସେରାତମାନଙ୍କୁ ମଧ୍ୟ କୁରଆନ ପଢାଉଥିଲେ । ସମସ୍ତ ଫର୍ଜ ଓ ନଫିଲ୍ ରୋଜା ରଖୁଥିଲେ । ନିଜ ଜୀବନର ଶେଷ ମୂହୁର୍ତ ପର୍ଯ୍ୟନ୍ତ ମୌଲବି ସାହେବଙ୍କର ଖୁବ୍ ସେବା କରିଛନ୍ତି, ଅତ୍ୟନ୍ତ ଅତିଥି ସତ୍କାରୀ ଓ ମାନବ ସେବା ମୂଳକ କାର୍ଯ୍ୟରେ ମଗ୍ନ ରହିବା ତଥା ଅତି ପୁଣ୍ୟବନ୍ତ ମହିଳା ଥିଲେ । ଖିଲାଫତ୍ ସହିତ ତାଙ୍କର ଆନ୍ତରିକ ସମ୍ପର୍କ ରହିଥିଲା । ଦେହାନ୍ତ ପୂର୍ବରୁ ତାଙ୍କୁ ତିନି ଥର ହୃଦଘାତ ହୋଇଥିଲା । ତୃତୀୟ ଥର ହୃଦଘାତ ବେଳେ ସେ ମୌଲବି ସାହେବଙ୍କୁ କହିଲେ ମୋର ଅନ୍ତିମ ସମୟ

ନିକଟତର, ତା'ପରେ କହିଲେ ମୋର **ସଲାମ୍** ସମସ୍ତଙ୍କୁ ପହଂଚାଇ ଦେବ । ସେଥିଅନ୍ତେ ତିନି ଥର ଉଚ୍ଚ ଶ୍ୱରରେ **ଅଲ୍ଲାହୁ ଅକବର୍** କହିଲେ ଏବଂ ଅଲ୍ଲାଃଙ୍କ ନିକଟରେ ଉପସ୍ଥିତ ହୋଇଗଲେ । ସେ ମୁସି ଥିଲେ । ନିଜ ପଛରେ ଚାରି ଜଣ କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରି ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କ ଦୁଆର ଉତରାଧିକାରୀ କରାନ୍ତୁ ।

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଚୌଧରୀ ମୁହମ୍ମଦ ଇବ୍ରାହିମ ସାହେବଙ୍କର ଅଟେ ଯେ ମାସିକ ଅନସାରୁଲ୍ଲାଃ ପତ୍ରିକାର ପୁର୍ବତନ ମ୍ୟାନେଜର ଓ ପ୍ରକାଶକ ଥିଲେ । ଗତ ମାସ ୧୬ତାରିଖ ଦିନ ୮୩ବର୍ଷ ବୟସରେ ତାଙ୍କର ଦେହାନ୍ତ ଘଟିଲା **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** । ୨୦୦୩ମସିହାରେ ଏକ ମୁକଦ୍ଦମାରେ ତାଙ୍କୁ ଜଣେ ପ୍ରକାଶକର ମାନ୍ୟତା ମିଳିଥିଲା । ତା'ପରେ ସେ ମୋ ଅନୁମତିକ୍ରମେ ଲଣ୍ଡନ ଚାଲିଆସିଥିଲେ । ସେ ମୁସି ଥିଲେ ଦେହାନ୍ତ ପୂର୍ବରୁ ସେ ରବଓ୍ୱା ଫେରି ଯାଇଥିଲେ ଏବଂ ସେହିଠାରେ ସେ ଇହଲୋକରୁ ବିଦାୟ ନେଲେ । ସେ ନିଜ ପଛରେ ଗୋଟିଏ କନ୍ୟା ଓ ପାଂଚଟି ପୁତ୍ର ତଥା ଅନେକ ନାତିନାତୁଣୀ ଛାଡ଼ିଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ଆଚରଣ କରନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କ ମଧ୍ୟରେ ତାଙ୍କ ପୁଣ୍ୟକର୍ମକୁ ଅବ୍ୟାହତ ରଖିବାକୁ ତଥା ଜମାଅତ ଓ ଖିଲାଫତ୍ ସହ ସମ୍ପର୍କ ମଜବୁତ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ।

ତୃତୀୟ ଜନାଯାଃ ଶ୍ରୀମାନ ରାଜା ମସଉଦ୍ ଅହମଦ ସାହେବ ପୁତ୍ର ଶ୍ରୀମାନ ରାଜା ମୁହମ୍ମଦ ନଓ୍ୱାଜ୍ ସାହେବ (ମୃତ) ଦାଦନଖାନ୍ ନିବାସୀ ଥିଲେ । ଗତ ମାସ ୧୯ତାରିଖ ଦିନ ଦିର୍ଘ ଦିନ ରୋଗ ଶଯ୍ୟାରେ ପଡ଼ିବା ପରେ ୬୯ବର୍ଷ ବୟସରେ ଦେହ ତ୍ୟାଗ କରିଥିଲେ । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** । ରାଜା ସାହେବ ୧୯୯୧ମସିହାରେ ଇଂଲଣ୍ଡ ଆସିଥିଲେ ଏବଂ ସେଠାରେ କେଟଫୋର୍ଟ ଜମାଅତର ପ୍ରଥମ ସଦର ନିଯୁକ୍ତ ହୋଇଥିଲେ । ଏଥିସହିତ କାଏଦ, ଅମୁମି ଅନସାରୁଲ୍ଲାଃ, ସେକ୍ରେଟାରୀ ଓସାୟା ଓ ନ୍ୟାସନାଲ ସେକ୍ରେଟାରୀ ଓସାୟା ଆଦି ସେବା କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ଯେତେବେଳେ ମୁଁ ଓସିୟତ୍ର ବ୍ୟବସ୍ଥାକୁ ସୁଦୃଢ କରିବାର ନିର୍ଦ୍ଦେଶ ଦେଲି ସେତେବେଳେ ସେ ବେଶ୍ ପରିଶ୍ରମ କରି ଅଲ୍ଲାଃଙ୍କ କୃପାରୁ ଉକ୍ତ ବ୍ୟବସ୍ଥାକୁ ସେ ବେଶ୍ ସୁଦୃଢ କରିଥିଲେ । ଖିଲାଫତ୍ ସହ ତାଙ୍କର ବେଶ ମଜବୁତ୍ ସମ୍ପର୍କ ରହିଥିଲା । ଜମାଅତର କର୍ମକତାମାନଙ୍କରୁ ମର୍ଯ୍ୟାଦା ପ୍ରଦାନ କରିବା, ନମାଜୀ, ତହଜ୍ଜୁଦ୍ ପାଠକାରୀ, ମୁକ୍ତ ହସ୍ତରେ ଚାନ୍ଦା ଦେବା ତଥା ଦାନଧାନ କରିବା, ଆଭାବିମାନଙ୍କ ସାହାଯ୍ୟ କରିବା ଏବଂ ମିଳାପି ଆଦି ସୁଗୁଣର ସେ ଅଧିକାରୀ ଥିଲେ । ଅଲ୍ଲାଃଙ୍କ କୃପାରୁ ମୁସି ଥିଲେ ଏବଂ ପତ୍ନୀଙ୍କ ବ୍ୟତୀତ ଗୋଟିଏ ପୁତ୍ରି ଓ ଦୁଇ ଜଣ ପୁତ୍ର ସନ୍ତାନ ଛାଡ଼ିଯାଇଛନ୍ତି । ଅଲ୍ଲାଃତାଲା ତାଙ୍କ ସହ କ୍ଷମା ଓ ଦୟା ପରବାସୀ ହୁଅନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ।

ଚତୁର୍ଥ ଜନାଯାଃ ଶ୍ରୀମତି ସାଲେହା ଅନଓ୍ୱର ସାହେବାଙ୍କର ଅଟେ ଯେ ଅନଓ୍ୱର ଅଲୀ ସାହେବ (ମୃତ) ସିନ୍ଧ ନିବାସୀଙ୍କର ପତ୍ନୀ ଥିଲେ । ସେ ଚଳିତ ମାସ ୧ତାରିଖରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱଇନ୍ନା ଇଲୈହି ରାଜେଉନ୍** । ସେ ଅତ୍ୟନ୍ତ ନିର୍ଭିକ, ଅଲ୍ଲାଃ ଓ ସୃଷ୍ଟିର କର୍ତବ୍ୟ ସମ୍ପାଦନକାରୀ ମହିଳା ଥିଲେ । ବାଲ୍ୟକାଳରୁ ନିୟମିତ ନମାଜ, ରୋଜା ରଖିବା ତଥା ଚାନ୍ଦା ପ୍ରଦାନକାରୀ ମହିଳା ଥିଲେ । ଖିଲାଫତ୍ ସହ ଅତି ନିଷ୍ଠାପର ସମ୍ପର୍କ ଥିଲା ତାଙ୍କର । ତାଙ୍କ ପୁତ୍ରି ଶ୍ରୀମତି ତାହେରା ମୋମିନ୍ କୁହନ୍ତି ବିବାହ ଅନ୍ତେ ଅଲ୍ଲାଃ ଯେଭଳି କୃପା ବର୍ଷଣ କରିଥିଲେ ସେହିପରି ତାଙ୍କୁ ପ୍ରଶସ୍ତ ହୃଦୟ ମଧ୍ୟ ପ୍ରଦାନ କରିଥିଲେ । ଆଭାବିମାନଙ୍କ ସାହାଯ୍ୟ କରିବା, ନମ୍ର ଓ ସରଳ ମାଲିକର ସେ ଅଧିକାରୀ ଥିଲେ ତଥା ଚାନ୍ଦାର ପ୍ରତ୍ୟେକ ପାଣ୍ଠିରେ ଯୋଗଦାନକାରୀ ଥିଲେ । ଆମେ ଯେତେବେଳେ କୌଣସି ଅସୁବିଧାରେ ପଡୁ ଏବଂ ତାଙ୍କୁ ସେଥିସମ୍ବନ୍ଧରେ ଅବଗତ କରାଉ ସେତେବେଳେ ସେ ଆମକୁ ନମାଜ ପଢିବା ଓ ଦୁଆ କରିବା ପାଇଁ ଉପଦେଶ ଦିଅନ୍ତି, ତା'ପରେ ସ୍ୱୟଂ ଆମ ପାଇଁ ବହୁତ ଦୁଆ କରନ୍ତି । ଅଲ୍ଲାଃତାଲା ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ବିଶ୍ୱସ୍ତତା ଓ ନିଷ୍ଠାପର ଗୁଣ ଉତ୍ପର୍ଣ୍ଣ କରାନ୍ତୁ । ତାଙ୍କ ସହ କ୍ଷମା ଓ ଦୟା ପରବାସୀ ହୁଅନ୍ତୁ ଏବଂ ଯେଭଳି ସେ ଖିଲାଫତ୍ ଓ ଜମାଅତ ସହ ଜଡ଼ିତ ତଥା ବଳିଦାନକାରୀ ଥିଲେ ତାଙ୍କ ସନ୍ତାନମାନେ ମଧ୍ୟ ତାଙ୍କ ପଦାଙ୍କ ଅନୁସରଣକାରୀ ହୁଅନ୍ତୁ । ଅଲ୍ଲାଃତାଲା ତାଙ୍କ ଦୁଆ ତାଙ୍କ ସନ୍ତାନସନ୍ତତିଙ୍କ ପକ୍ଷେ ସ୍ୱୀକାର କରନ୍ତୁ । ତାଙ୍କର ଦୁଇ ଜଣ ପୁତ୍ର ଓ ଦୁଇ ଜଣ କନ୍ୟା ସନ୍ତାନ ଅଛନ୍ତି ।

Khulasa Khutba Juma Huzoor Anwar a.b.a

15th November 2019